ସ୍ୱଳ୍ପ ଗୋବରରେ କମ୍ପୋଷ୍ଟ ପ୍ରସ୍ତୁତି ପ୍ରଣାଳୀ : ନାଡେ଼ପ୍ କମ୍ପୋଷ୍ଟ

ଡା. ଦେବୀପ୍ରସାଦ ଦାଶ
ବୈଜ୍ଞାନିକ (ମୃତ୍ତିକା ବିଜ୍ଞାନ)

କୃଷି ବିଜ୍ଞାନ କେନ୍ଦ୍ର, ରାଣୀତାଲ, ଭଦ୍ରକ
ଫୋନ୍ : ୦୬୭୮୪-୨୬୫୮୨୫
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୦୩

ନାଡ଼େପ୍ କମ୍ପୋଷ୍ଟ ତିଆରି କରିବା ପ୍ରଣାଳୀ

ଜନ ସଂଖ୍ୟା ବୃଦ୍ଧି ଯୋଗୁ ମୁଣ୍ଡ ପିଛା ଜମିର ପରିମାଣ କମିବା ଏବଂ ଖାଦ୍ୟ ଅଭାବ ଯୋଗୁଁ ଅଧିକ ଅମଳ ପାଇବା ଆଶାରେ ରସାୟନିକ ସାର ଓ ବିଷାକ୍ତ ପୋକମରା ଔଷଧର ପ୍ରୟୋଗ ବଢ଼ିବାରେ ଲାଗିଛି । ଏହାଦ୍ୱାରା ମାଟିର ଉର୍ବରତା ଶକ୍ତି ନଷ୍ଟ ହେବା ସହିତ ପରିବେଶ ବିଷାକ୍ତ ହେବାରେ ଲାଗିଛି । ତେଣୁ ଆଜିର ସମୟରେ ରସାୟନିକ ସାର ଓ ଔଷଧର ବ୍ୟବହାରକୁ କମ୍ କରିବା ପାଇଁ ଜୈବ ପ୍ରଣାଳୀରେ ଚାଷ କରିବାକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଜୈବିକ ପ୍ରଣାଳୀ ଅବଲମ୍ବନ କରିବା ଦ୍ୱାରା ପରିବେଶ ସୁସ୍ଥ ରହିବା ସହିତ ମାଟିର ଉର୍ବରତା ବଢ଼ିଥାଏ ଏବଂ ଉତ୍ପାଦିତ ଦ୍ରବ୍ୟର ଗୁଣାତ୍ମକମାନ ବୃଦ୍ଧି ପାଏ । ତେଣୁ ଚାଷୀ ରସାୟନିକ ସାର ପରିବର୍ତ୍ତେ ପ୍ରାକୃତିକ ଉପାୟରେ ମାଟିର ଉର୍ବରତା ବୃଦ୍ଧି କରିବା ଦିଗରେ ଧ୍ୟାନ ଦେବା ଉଚିତ୍ । ବିଭିନ୍ନ ପ୍ରକାରର ପ୍ରାକୃତିକ ଉପାୟଗୁଡ଼ିକ ମଧ୍ୟରୁ ନାଡ଼େପ୍ ପ୍ରଣାଳୀରେ କମ୍ପୋଷ୍ଟ ତିଆରି ଅନ୍ୟତମ ଅଟେ । ଏହି ପ୍ରଣାଳୀରେ ଅଳ୍ପ ଗୋବରରେ ମଧ୍ୟ କମ୍ପୋଷ୍ଟ ତିଆରି କରାଯାଇପାରିବ ଏବଂ ଯେତେ ପ୍ରକାରର କୃଷିଜାତ ଅବଶେଷ ବା ବର୍ଜ୍ୟବସ୍ତୁ ମିଳେ ତାକୁ ନଷ୍ଟ ବା ପୋଡ଼ି ଦେବା ପରିବର୍ତ୍ତେ କମ୍ପୋଷ୍ଟ ପାଇଁ ଉପଯୋଗ କରାଯାଇପାରିବ । ଏହି ପଦ୍ଧତିଟି ମହାରାଷ୍ଟ୍ରର ଜଣେ ଗାନ୍ଧୀବାଦୀ କର୍ମୀ ନାରାୟଣ ଦେଓ ପାନ୍ଧାରୀ ପାଣ୍ଡେ ବିକାଶ କରିଥିଲେ ତେଣୁ ତାଙ୍କ ନାମ ଅନୁସାରେ ଏହି ପ୍ରଣାଳୀକୁ ନାଡେପ୍ କୁହାଯାଏ ।

ଏହି ପ୍ରଣାଳୀରୁ କମ୍ପୋଷ୍ଟ ତିଆରି ପାଇଁ ଝରକା ବା ଫାଙ୍କା ଥିବା ୧୦ ଫୁଟ୍ ଲମ୍ବା, ୫ ଫୁଟ୍ ଓସାର ଓ ୩ ଫୁଟ୍ ଉଚ୍ଚ ବିଶିଷ୍ଟ ଏକ ଟାଙ୍କି ତିଆରି କରିବା ଆବଶ୍ୟକ । ଏହି ଟାଙ୍କିଟି ମାଟି ଉପରେ ସାମାନ୍ୟ ଉଚ୍ଚ ଏବଂ ବାୟୁ ଚଳାଚଳ ହେଉଥିବା ସ୍ଥାନରେ ତିଆରି କରାଯାଏ । ପ୍ରତି ଦୁଇଟି ଇଟା ସ୍ତର ପରେ ତୃତୀୟ ସ୍ତରରେ ଫାଙ୍କ ବା ଝରକା ଲମ୍ବ ଓ ପ୍ରସ୍ଥ ପାର୍ଶ୍ୱରେ ରଖାଯାଏ । କୁଣ୍ଡ ବା ଟାଙ୍କିରେ ସର୍ବମୋଟ ୩ଟି ସ୍ତର (ପ୍ରତ୍ୟେକ ଦୁଇଟି ଇଟା ସ୍ତର ପରେ)ରେ ଝରକା ରଖାଯାଏ । ଲମ୍ବ ପାର୍ଶ୍ୱରେ ଉପର ଏବଂ ତଳ ସ୍ତରରେ ୫ଟି ଲେଖାଏଁ ଏବଂ ମଝିରେ ୪ଟି ଲେଖାଏଁ ଝରକା ରଖାଯାଏ । ପ୍ରସ୍ଥ ପାର୍ଶ୍ୱରେ ସେହି ପରି ଉପର ଏବଂ ତଳ ସ୍ତରରେ ୪ଟି ଲେଖାଏଁ ଏବଂ ମଝି

ସ୍ତରରେ ୩ଟି ଲେଖାଏଁ ଝରଖା / ଫାଙ୍କ ରଖାଯାଏ । ଏହି ଫାଙ୍କ ବା ଝରକା ସିଧା ଭାବରେ ସଂଲଗ୍ନ ଇଟା ସ୍ତରରେ ଏକ ସରଳରେଖାରେ ରହିବ ନାହିଁ ।

- ଖରା ଓ ବର୍ଷାରୁ ରକ୍ଷା କରିବା ପାଇଁ ଟାଙ୍କି ଉପରେ ଛପର କରନ୍ତୁ ।
- ଟାଙ୍କିର ଭିତର ତଥା ତଳ ପାଖକୁ ଗୋବର ପାଣିରେ ଲିପି ଦିଅନ୍ତୁ ।
- ତଳ ୬ ଇଞ୍ଚ ପର୍ଯ୍ୟନ୍ତ କୁଟା, ନଡ଼ା ଓ ଅନ୍ୟାନ୍ୟ କୃଷିଜାତ ଅଦରକାରୀ ପଦାର୍ଥ ଭରିଦିଅନ୍ତୁ ।
- ୪ କି.ଗ୍ରା. ଗୋବରରେ ୧୫୦ ଲିଟର ପାଣି ମିଶାଇ ଗୋବରପାଣି ଏପରି ଭାବରେ ଛିଞ୍ଚନ୍ତୁ ଯେପରିକି ଭରାଯାଇଥିବା ଅଦରକାରୀ କୃଷିଜାତ ପଦାର୍ଥ ଓଦା ହୋଇଯିବ ।
- ଏହା ଉପରେ ୫୦-୬୦ କି.ଗ୍ରା. ମାଟି ସମାନ ଭାବରେ ବିଛାନ୍ତୁ । ବଡ଼ ବଡ଼ ଢ଼େଲା, ପଥର, ଗୋଡ଼ି ଇତ୍ୟାଦି ବାହାରକରି ଗୋବର ପାଣି ଦ୍ୱାରା ଓଦା ରଖନ୍ତୁ ।
- ଏହିପରି ଭାବରେ କୃଷିଜାତ ଅଦରକାରୀ ପଦାର୍ଥ, ତା ଉପରେ ଗୋବର ପାଣିର ଚଞ୍ଚନ ଓ ମାଟିର ସ୍ତର ପକାଇ ଚାଲନ୍ତୁ ।
- ଟାଙ୍କି ଉପରକୁ ୧-୧/୨-୨ ଫୁଟ୍ ଉଚ୍ଚ ଦେଉଳିଆ କରି ଭରି ସାରିବା ପରେ ଅଧାମାଟି ଓ ଅଧା ଗୋବରର ମିଶ୍ରଣ ଦ୍ୱାରା ଲିପି ବନ୍ଦ କରିଦିଅନ୍ତୁ ।
- ୧୫ ରୁ ୨୦ ଦିନ ପରେ ୬-୧୦ ଇଞ୍ଚ୍ ଟାଙ୍କି ଉପରୁ ଦବିଯାଏ । ଏଣୁ ପୂର୍ବ ପରି ଆଉ ଦୁଇ ସ୍ତର ଭରିବା ପରେ ମାଟି ଓ ଗୋବରର ମିଶ୍ରଣରେ ଲିପି ଦିଅନ୍ତୁ ।

- ଲିପା ହୋଇଥିବା ଉପର ଅଂଶକୁ ପାଣି ଛିଞ୍ଚି ଓଦା ରଖନ୍ତୁ । ଧ୍ୟାନ ରଖିବେ ଯେ ଉପରେ ବେଶୀ ଶୁଖା ରହିବ ନାହିଁ କି ବେଶୀ ପାଣି ପଚପଚ ହେବ ନାହିଁ । ପାଣି ବେଶୀ ହେଲେ ଅଦରକାରୀ କୃଷିଜାତ ପଦାର୍ଥ ପଚିଯିବ ଏବଂ ଭଲ ଖତ ହେବ ନାହିଁ ।
- କୌଣସି ପ୍ରକାରର ଘାସ ବା ଗଛ ଉଠିବାକୁ ଦିଅନ୍ତୁ ନାହିଁ ।
- ଲିପା ଯାଇଥିବା ଗୋବର ଓ ମାଟି ଫାଟିଗଲେ ଏହାକୁ ତୁରନ୍ତ ପାଣି ପକାଇ ଲିପନ୍ତୁ ।

ଏହି କମ୍ପୋଷ୍ଟ ୪ ମାସରେ ପ୍ରସ୍ତୁତ ହୋଇଥାଏ, ଟାଙ୍କି ୧ ଦିନରେ ଅଥବା ଅତିବେଶୀରେ ୨ ଦିନରେ ପୂରଣ କରିବା ଉଚିତ୍ । ଥରକରେ ଏଥିରେ ୧ ଟନ୍ ପର୍ଯ୍ୟନ୍ତ କମ୍ପୋଷ୍ଟ ମିଳିଥାଏ ।

ଅଧିକ ବିବରଣୀ ପାଇଁ ଯୋଗାଯୋଗ :
କୃଷି ବିଜ୍ଞାନ କେନ୍ଦ୍ର, ରାଣୀତାଲ
ଜିଲ୍ଲା: ଭଦ୍ରକ, ଓଡ଼ିଶା-୭୫୬୧୧୧
ଫୋନ୍ ନଂ: ୦୬୭୮୪-୨୬୫୮୨୫